ନୀତି ଭାରତୀ

ଭଦ୍ରୋଚିତ ବ୍ୟବହାର ପ୍ରଦର୍ଶନ କରିବି ବୋଲି ତୁମେ ଯେହେତୁ ବିଶ୍ୱାସ କରୁଥିଲ, ତେଣୁ ସେପରି କରି ପାରିଲି। - ପାଓଲୋ କୋଏଲ୍‌ହୋ

ନିତିଦିନ NITIDIN
ସୋମବାର, ୧୬ ଏପ୍ରିଲ୍ ୨୦୧୮

ଅଦୃଶ୍ୟ ଅପରାଧ

ଶ୍ୱଶୁର ଘରେ ଯୌତୁକ ନିର୍ଯାତନା ସହି ନପାରି ଦୁଇଟି ସନ୍ତାନର ମା'ଟିଏ ଘର ଛାଡ଼ିଥିଲା, କେବଳ ଛୋଟ ପୁଅଟିକୁ ସାଙ୍ଗରେ ଧରି। ପହଞ୍ଚିଥିଲା ହାଇଦ୍ରାବାଦରେ କୌଣସି ନିଯୁକ୍ତି ପାଇ ବଞ୍ଚିଯିବ ନିଜେ ଓ ବଞ୍ଚାଇ ପାରିବ ଛୁଆଟିକୁ। ଷ୍ଟେସନ୍‌ରେ ଗୋଟେ ଲୋକ ସହିତ ଦେଖା। ରୋଜଗାରର ପ୍ରଲୋଭନ ଦେଖାଇ ନେଇଗଲା ସାଥୀରେ। ଠିକ୍‌ଠାକ୍ ଚାଲିଲା ପ୍ରଥମ କେଇଦିନ। ତା'ପରେ ସରଳ ଚେହେରାର ଆଢୁଆଳରୁ ଆତ୍ମପ୍ରକାଶ କଲା ହିଂସ୍ର ପ୍ରବୃତ୍ତି। ସେ କ'ଣ ଦିନେ କଳ୍ପନା କରିଥିଲା ଆସିବା ମାତ୍ରେ ପଡ଼ିଯିବ ଯୌନ ପିପାସୁର କବଳରେ। କେବଳ ସେତିକିରେ ସନ୍ତୁଷ୍ଟ ନହୋଇ ତାକୁ ସେ ଲଗାଇ ଦେଲା ଦେହ ବ୍ୟବସାୟରେ, ଧମକ ଆସିଲା ନମାନିଲେ ପୁଅଟିର ଜୀବନ ବିପନ୍ନ ହୋଇଯିବ। ଯେତେବେଳେ ତାକୁ ଏଇ ନର୍କରୁ ଉଦ୍ଧାର କରାଗଲା ସେତେବେଳକୁ ପୁଅଟି ବଞ୍ଚିନଥିଲା। ଆଖିରେ ଆଉ ଲୁହ ନଥିଲା ବୋହି ଯିବାକୁ। ଇଏ ଗୋଟିଏ ମହିଳାର କରୁଣ କାହାଣୀ ନୁହେଁ। ଏପରି ନିର୍ଯାତିତାଙ୍କ ସଂଖ୍ୟା ହଜାର ହଜାର ଆମ ଦେଶରେ। ମହିଳା, କିଶୋରୀ, ନା ବାଳିକା ସର୍ବୋପରି ମାନବ ଚାଲାଣର ସଂଖ୍ୟା ବର୍ଷକୁ ବର୍ଷ ବୃଦ୍ଧି ପାଇବାରେ ଲାଗିଛି। ନ୍ୟାସନାଲ କ୍ରାଇମ୍ ରେକର୍ଡସ୍ ବ୍ୟୁରୋର ତଥ୍ୟ ଅନୁସାରେ ୨୦୧୬ ମସିହାରେ ପଞ୍ଜିକୃତ କେସ୍ ଗୁଡ଼ିର ସଂଖ୍ୟା ୮୧୩୨ ଓ ତା'ର ପୂର୍ବବର୍ଷ ୬୮୭୭ ଅର୍ଥାତ୍ ବର୍ଷକ ଭିତରେ ବୃଦ୍ଧି ଘଟିଛି ୨୦ ପ୍ରତିଶତ। ସବୁଠୁଁ ଅଧିକ ପଶ୍ଚିମବଙ୍ଗରେ ୪୪%, ତା ତଳକୁ ରାଜସ୍ଥାନ ୧୭%। ଯେଉଁ ୧୫୩୭୯ ଜଣ ପୀଡ଼ିତ ପୀଡ଼ିତାଙ୍କୁ ଧରା ଯାଇଛି ସେମାନଙ୍କ ଭିତରୁ ୧୦୧୫୦ ଜଣ ମହିଳା ଓ ୫୨୨୯ ଜଣ ପୁରୁଷ। ଅଧିକାଂଶ ଅଶିକ୍ଷିତ। ଏହି ଚାଲାଣର କାରଣ ସ୍ୱରୂପ କୁହାଯାଇଛି ଫୋର୍ସଡ୍ ଲେବର, ଯୌନ ଶୋଷଣ, ବେଶ୍ୟାବୃତ୍ତି, ଗୃହରେ ଚାକର/ଚାକରାଣୀ, ଜବରଦସ୍ତ ବିବାହ, ଚାଇଲ୍ଡ ପର୍ଣ୍ଣୋଗ୍ରାଫି, ଭିକ୍ଷାବୃତ୍ତି, ନିଶା ଚୋରା ଚାଲାଣ ଓ ଦେହରୁ ଅଙ୍ଗ ଛେଦନ। ପଞ୍ଜିକୃତ ସଂଖ୍ୟା ନିହାତି କମ୍ ବୋଲି କୁହାଯାଉଛି। ଅନେକ ଚାଲି ଯାଉଛି ଦୃଷ୍ଟିର ଆଢୁଆଳରେ ପଞ୍ଜିକୃତ ନହୋଇ। ଏପରି ଘଟଣାର ଶିକାର ଯେଉଁମାନେ ସେମାନେ ସାଧାରଣତଃ ଅଶିକ୍ଷିତା। ଏ ଅପରାଧ ସମ୍ପର୍କରେ ଅଜ୍ଞ ଓ ଅନେକ କ୍ଷେତ୍ରରେ ପୁଲିସ୍ ପ୍ରତି ସନ୍ଦେହ।

ତପୋଧନ ପଣ୍ଡା

ସମଗ୍ର ବିଶ୍ୱରେ ବିଶେଷ ଭାବରେ ମହିଳା ଓ ଶିଶୁ ଚାଲାଣ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ବ୍ରାଜିଲ୍, ମେକ୍‌ସିକୋ, ଦକ୍ଷିଣ ଆଫ୍ରିକୀୟ ରାଷ୍ଟ୍ର, ଆଦି ଗରିବ ଦେଶଗୁଡ଼ିକର ମହିଳାମାନେ ବେଶୀ ପରିମାଣରେ ଏଥିରେ ଶିକାର। ଆନ୍ତର୍ଜାତିକ ଶ୍ରମ ସଂସ୍ଥାର ରିପୋର୍ଟ ଅନୁସାରେ ଗତବର୍ଷ ୪ କୋଟିରୁ ଊର୍ଦ୍ଧ୍ୱ ଆନ୍ତର୍ଜାତିକ ଚାଲାଣର ଶିକାର ଯାହାକି କାଲିଫର୍ଣ୍ଣିଆର ଲୋକ ସଂଖ୍ୟା ସହିତ ସମାନ। ୧୦ଲକ୍ଷରୁ ଊର୍ଦ୍ଧ୍ୱ ସେକ୍ସ ଟ୍ରେଡ୍‌ରେ ଶୋଷଣର ସମ୍ମୁଖୀନ। ଏପରି ଚାଲାଣ ହୋଇ ଆମେରିକାରେ ପହଞ୍ଚୁଥିବା ୧୦ ହଜାରରୁ ଊର୍ଦ୍ଧ୍ୱ ଯୁବତୀ, କିଶୋରୀ ଯୌନ ଶୋଷଣର ସମ୍ମୁଖୀନ। ବିଶ୍ୱରେ ଏଇ ଅଦୃଶ୍ୟ ଅପରାଧର ମାର୍କେଟ ବାର୍ଷିକ ୧୫୦ ବିଲିୟନ୍ ଡଲାରରୁ ଊର୍ଦ୍ଧ୍ୱ। ଏହାକୁ କୁହାଯାଉଛି 'ଲାର୍ଜେଷ୍ଟ ଗ୍ଲୋବାଲ କ୍ରିମିନାଲ ଏଣ୍ଟରପାଇଜ୍'। ଆମେରିକାରେ ଗତ ବର୍ଷ ୪୪୦୦ ସେକ୍ସ ଟ୍ରାଫିକିଂ ମାମଲା ରୁଜୁ ହୋଇଛି। ଏହା ଜଣାଇଛି 'ନ୍ୟାସନାଲ ହ୍ୟୁମାନ୍ ଟ୍ରାଫିକିଂ ରିସୋର୍ସ ସେଣ୍ଟର ଆମ ଦେଶରେ ୨୦୧୫ ମସିହାରେ ସରକାର ୨୩୮୭ ଜଣ ଚାଲାଣକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଶେଷ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨୧୮୦ ଜଣ ସେକ୍ସ ଟ୍ରାଫିକର। କିନ୍ତୁ ଅଦାଲତରେ ଦଣ୍ଡିତଙ୍କ ସଂଖ୍ୟା ମାତ୍ର ୮୧୫ ଓ ୧୫୫୦୬ ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। କେତେବର୍ଷ କାହାକୁ ଜେଲ ହୋଇଛି ତାହା ରିପୋର୍ଟରେ ଦର୍ଶାଯାଇନାହିଁ। ପ୍ରକାଶ ଥାଉକି ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ନ୍ୟାସନାଲ କ୍ରାଇମ୍ ରେକର୍ଡସ୍ ବ୍ୟୁରୋ ବା ଏନ୍.ସି.ଆରବି ହଜିଯାଉଥିବା ମଣିଷ ଓ ଶିଶୁମାନଙ୍କ ବାବଦରେ ପ୍ରଥମ କରି ଏକ ସାରଣୀ ପ୍ରସ୍ତୁତ କରିଛନ୍ତି। ପୁଣି ୨୦୧୫ରେ ଅଦାଲତ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ 'ଅର୍ଗାନାଇଜଡ୍ କ୍ରାଇମ୍ ଇନ୍‌ଭେଷ୍ଟିଗେଟିଭ୍ ଏଜେନ୍ସି' ପ୍ରତିଷ୍ଠା କରିବା ପାଇଁ ୨୦୧୬ ଡିସେମ୍ବର ସୁଦ୍ଧା କେବଳ ମାନବ ଚାଲାଣକୁ ରୋକିବା ପାଇଁ ଓ ପୀଡ଼ିତ ପୀଡ଼ିତାଙ୍କୁ ପୁନର୍ବାସ ଯୋଗାଇଦେବା ପାଇଁ। ଗୃହ ମନ୍ତ୍ରଣାଳୟ ଏଥିପାଇଁ ୮୩.୨ କୋଟି ଟଙ୍କାର ପାଣ୍ଠି ମଧ୍ୟ ଯୋଗାଇ ଦେଇଛନ୍ତି। ୨୨୬ଟି ଜିଲ୍ଲାରେ ଏହା କାର୍ଯ୍ୟକାରୀ କରାଯାଇଛି- ଯେଉଁଠାରେ କି ସକ୍ରିୟ ଭାବରେ ଆଣ୍ଟି ହ୍ୟୁମାନ୍ ଟ୍ରାଫିକିଂ ୟୁନିଟ୍ ମାନ ଅଛି। ସେଠାରେ ନିଯୁକ୍ତଙ୍କୁ ଆନ୍ତର୍ଜାତିକ ପ୍ରତିଷ୍ଠାନଗୁଡ଼ିକ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଇଛି। ଅନେକ ଏନ୍‌ଜିଓ ସେମାନଙ୍କୁ ମଧ୍ୟ ସହାୟତା ପ୍ରଦାନ କରୁଛନ୍ତି। କିନ୍ତୁ ଏଥିରେ ଅସୁବିଧାଟି ହେଲା ରାଜ୍ୟ-ରାଜ୍ୟ ମଧ୍ୟରେ ସମନ୍ୱୟ ସ୍ଥାପନ ହୋଇପାରୁନାହିଁ, କ୍ଷମତାର ପରିସର ନିର୍ଦ୍ଧାରଣ କରାଯାଇ ପାରୁନାହିଁ। ତେଣୁ ଅପରାଧୀମାନେ ଖସି ଯାଉଛନ୍ତି। ଅନେକ ପୁଲିସ୍ ଷ୍ଟେସନ୍‌ରେହ କାର୍ଯ୍ୟଭାର ସମ୍ଭାଳିବା ପାଇଁ ଉପଯୁକ୍ତ ସଂଖ୍ୟକ ପୁଲିସ୍ ନାହାନ୍ତି। କେତେ ଜାଗାରେ ଗାଡ଼ି ନାହିଁ ତ କେତେ ଜାଗାରେ କମ୍ପ୍ୟୁଟର ନାହିଁ ଯାହାକି ଏକାନ୍ତ ଆବଶ୍ୟକ ଚାଲାଣକୁ ରୋକିବା ପାଇଁ ଓ ପୀଡ଼ିତାଙ୍କୁ ଉଦ୍ଧାର କରିବା ପାଇଁ। ଯେଉଁ ସରକାରୀ ବାବୁମାନେ ଏହି ଚାଲାଣ ପ୍ରତି ଆଖି ବୁଜିଦେଉଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନାହିଁ। ୨୦୧୬ ମସିହାରେ ଗୋଆରେ ଜଣେ ବିଧାୟକ ଧରାପଡ଼ିଥିଲେ ଜଣେ ମହିଳାଠୁ ତା'ର ଝିଅକୁ କିଣି ବଳାତ୍କାର କରିବା ବେଳେ। ତାଙ୍କୁ ଓ ସେହି ମହିଳାଙ୍କୁ ଗିରଫ୍ କରିବା ପରେ ସେମାନେ ଜାମିନ୍ ପାଇ ବୁଲୁଛନ୍ତି। ଏବେ କୁଆଡ଼େ ଆହୁରି ଅଧିକ ତଦନ୍ତ ଜାରି ରହିଛି। ଏହାଠାରୁ ଦୁଃଖର ବିଷୟ କ'ଣ ହୋଇପାରେ!

ସରକାର ନିଜ ସ୍ତରରେ, ଚାଲାଣ ହେଉଥିବା ମଣିଷମାନଙ୍କୁ ଉଦ୍ଧାର କରିବା ପାଇଁ, ଅନେକ ପଦକ୍ଷେପ ଅବଶ୍ୟ ଗ୍ରହଣ କରିଛନ୍ତି। ଏନ୍‌ସିଆରବିର ତଥ୍ୟ ଅନୁସାରେ ୨୦୧୬ରେ ୮୨୮୧ ଜଣ ପୀଡ଼ିତପୀଡ଼ିତାଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୫୪୦୭ ଜଣ ଯୌନ ଶୋଷଣର ଶିକାର, ୪୨୬ ଜଣ ହେଉଛନ୍ତି ଠିକା ଶ୍ରମିକ ୨୪୪୮ ଜଣ ଆଇପିସିର ୩୭୦ ଧାରା ଅଧୀନରେ ଚାଲାଣ ହୋଇଥିବା ଲୋକ ତାହାକୁ ଆଉ ବର୍ଗୀକରଣ କରାଯାଇନାହିଁ। ୨୦୧୬ରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ହଜି ଯାଉଥିବା ଶିଶୁଙ୍କୁ ଉଦ୍ଧାର ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁର୍ ଜାରି କରିଛନ୍ତି ଓ ଗୃହମନ୍ତ୍ରଣାଳୟ ସହିତ ମିଶି ସେମାନଙ୍କୁ ଚିହ୍ନଟ କରିବା ପାଇଁ ସମଗ୍ର ଦେଶରେ ଜାତୀୟ ସ୍ତରରେ ଟ୍ରାକ୍ ଚାଇଲ୍ଡ ଭଳି ସିଷ୍ଟମ ଜାରି ମଧ୍ୟ କରିଛନ୍ତି। 'ହଟ୍ ଲାଇନ୍' ମଧ୍ୟ ଜାରି କରିଛନ୍ତି ଯାହା ଏକ ଏମର୍ଜେନ୍ସି ଫୋନ୍ ଲାଇନ୍। ରାଜ୍ୟ ଓ ଜିଲ୍ଲାସ୍ତରରେ ମଧ୍ୟ ଚଢ଼ଉ କରି ଏଭଳି ଶିଶୁମାନଙ୍କୁ ଓ ବିଶେଷ ଭାବରେ ଯେଉଁମାନେ ଯୌନ ଶୋଷଣରେ ଶିକାର ବା ଫୋର୍ସଡ୍ ଲେବରରେ ନିୟୋଜିତ ଉଦ୍ଧାର କରି, ଚିହ୍ନଟ କରି ସେମାନଙ୍କୁ ପୁନର୍ବାସ ଯୋଗାଇବାର ବ୍ୟବସ୍ଥା ଚାଲୁ ରଖିଛନ୍ତି। ମାତ୍ର ଚାଲାଣକାରୀଙ୍କୁ ଦଣ୍ଡ ପ୍ରଦାନରେ ସେତେ ସକ୍ଷମ ହେଇ ପାରୁନାହାନ୍ତି। ସରକାରୀ ଆଶ୍ରୟସ୍ଥଳୀଗୁଡ଼ିକରେ ଏତେ ସଂଖ୍ୟକ ମହିଳା ଓ ଶିଶୁ ପହଞ୍ଚୁଛନ୍ତି ଯେ ତାହା ସବୁ ଓଭର କ୍ରାଉଡେଡ୍ ହୋଇଯାଉଛି ଓ ଅନେକଙ୍କୁ ଟ୍ରାନ୍‌ଜିଟ୍ ହୋମ୍‌ଗୁଡ଼ିକରେ ରହି ଅପେକ୍ଷା କରିବାକୁ ପଡୁଛି। ଏଠାରେ ଅସୁବିଧା ଆହୁରି ହେଲା ସେଇ ଶିଶୁ ଓ ମହିଳାମାନଙ୍କୁ ମାନସିକ ଚିକିତ୍ସା ବା କାଉନ୍‌ସେଲିଂ ପାଇଁ ଡାକ୍ତରଙ୍କ ଅଭାବ ଓ ଦ୍ୱିତୀୟଟି ହେଲା ସେମାନଙ୍କୁ ରୋଜଗାର ଯୋଗାଇ ଦବା ଠିକ୍‌ଠିକ୍ ହୋଇପାରୁନାହିଁ। ଯେଉଁ ପୁରୁଷମାନଙ୍କୁ ଉଦ୍ଧାର କରାଯାଉଛି ସେମାନଙ୍କ ଥଇଥାନ ପାଇଁ ସହାୟତା ରାଶି ଅବଶ୍ୟ ବୃଦ୍ଧି କରାଯାଇଛି ମାତ୍ର ରୋଜଗାର ମଧ୍ୟ ଏକ ସମସ୍ୟା ହୋଇପଡ଼ିଛି।

ଆମ ଦେଶରେ ମାନବ ଚାଲାଣକୁ ରୋକିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ନିୟମ ନାହିଁ। ଏହି ଚାଲାଣକୁ କୁହାଯାଉଛି ତୃତୀୟ ବୃହତ୍ତମ ସଂଗଠିତ ଅପରାଧ କାରଣ ଏହା ମାନବ ଅଧିକାରକୁ ଉଲ୍ଲଙ୍ଘନ କରେ ଓ ଅଦୃଶ୍ୟ ଅପରାଧ ଭାବରେ ଗଣନା କରାଯାଏ। ତେଣୁ ଏକ ନିର୍ଦ୍ଦିଷ୍ଟ ଆଇନ୍ କରିବାକୁ ସରକାର ଦ ଟ୍ରାଫିକିଂ ପର୍ସନସ୍ (ପ୍ରିଭେନ୍‌ସନ ପ୍ରୋଟେକ୍‌ସନ୍ ଆଣ୍ଡ ରିହାବିଲିଟେସନ) ବିଲ୍ ୨୦୧୮ ଆଣିଛନ୍ତି। ଏହି ବିଲ୍‌ର ଉକ୍ତଟ ମାନବ ଚାଲାଣ ଯାହା ମଧ୍ୟରେ ଫୋର୍ସଡ୍ ଲେବର, ଭିକ୍ଷାବୃତ୍ତି, ନିଶା ଦେଇ ଚାଲାଣ କରିବା, ହରମୋନ୍ ଇଞ୍ଜେକ୍ସନ ଦେଇ ଅଳ୍ପ ବୟସର ଝିଅଙ୍କୁ ଯୌନ ଶୋଷଣ ପାଇଁ ଉପଯୁକ୍ତ କରିବା, ବିବାହ କରିବା ପାଇଁ ପ୍ରଲୋଭିତ କରିବା ଆଦି ଅନ୍ତର୍ଭୁକ୍ତ, ସେହି ଚାଲାଣକାରୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବାର ବ୍ୟବସ୍ଥା ଅଛି। ମିଛ ସାର୍ଟିଫିକେଟ୍ ଦେଇ ନିଯୁକ୍ତି କରାଇ ଦବାର ପ୍ରଲୋଭନ ଦେଖାଇ ଚାଲାଣ କରିବା ପାଇଁ ମଧ୍ୟ ଶାସ୍ତି ବିଧାନର ବ୍ୟବସ୍ଥା ଅଛି। ପୀଡ଼ିତପୀଡ଼ିତା ଓ ସାକ୍ଷୀମାନଙ୍କର ନାମ ଠିକଣା ଆଦି ଗୋପନ ରଖିବା, ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ମାମଲାଗୁଡ଼ିକର ବିଚାର ପାଇଁ ସ୍ପେଶାଲ କୋର୍ଟ ସ୍ଥାପନ କରିବା, ପୀଡ଼ିତ / ପୀଡ଼ିତାଙ୍କୁ ଚିହ୍ନଟ ହବା ମାତ୍ରେ ୩୦ ଦିନ ପାଇଁ ମଧ୍ୟବର୍ତ୍ତିକାଳୀନ ସହାୟତା ସହିତ ଉପଯୁକ୍ତ ମାନସିକ ଓ ଶାରୀରିକ ଚିକିତ୍ସା ଯୋଗାଇଦବା ଓ ପରେ ପରେ ପୁଣି ଅପରାଧୀଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ ହବାଠାରୁ ୬୦ଦିନ ପର୍ଯ୍ୟନ୍ତ ରିଲିଫ୍ ଯୋଗାଇ ଦବା ଆଦି ଅନ୍ତର୍ଭୁକ୍ତ କରାଯାଇଛି। ପୁନର୍ବାସ ପାଇଁ ଅର୍ଥ ବରାଦର ବ୍ୟବସ୍ଥା ଓ ଉତ୍ସର୍ଗୀକୃତ ସେବା ଯୋଗାଇ ଦେବାପାଇଁ ଜିଲ୍ଲା ରାଜ୍ୟ ଓ କେନ୍ଦ୍ରସ୍ତରରେ ବ୍ୟବସ୍ଥା ହୋଇଛି। ଚାଲାଣକାରୀ ଦୋଷୀ ସାବ୍ୟସ୍ତ ହେଲେ ୧୦ ବର୍ଷରୁ ଆଜୀବନ କାରାଦଣ୍ଡ ସହିତ ଜୋରିମାନାର ମଧ୍ୟ ବ୍ୟବସ୍ଥା କରାଯାଇଛି। ଏହାକୁ ଶେଷ ସ୍ପର୍ଶ ଦବା ପାଇଁ ଗ୍ରୁପ୍ ଅଫ୍ ମିନିଷ୍ଟରଙ୍କ ପାଖକୁ ଏହି ବିଲ୍‌କୁ ପଠାଯାଇଛି। ଏତେସବୁ ବ୍ୟବସ୍ଥା ହୁଏତ ଅନେକାଂଶରେ ମାନବ ଚାଲାଣକୁ ରୋକିପାରିବ ବୋଲି ଆଶା କରାଯାଏ। ତା' ସହିତ ଆବଶ୍ୟକ ଉପଯୁକ୍ତ ଶିକ୍ଷା, ସହଜରେ ଚାଲାଣର ଶିକାର ହୋଇଯାଉଥିବା ମହିଳା ଓ ଶିଶୁଙ୍କ ମଧ୍ୟରେ ସଚେତନତା ସୃଷ୍ଟି ତଥା ସମାଜର ଶିକ୍ଷିତ ବର୍ଗ ଏହାକୁ ରୋକିବା ପାଇଁ ତତ୍ପର ହେବା। ■

ଭିଆଇଏମ୍-୭୪୧, ଶୈଳଶ୍ରୀବିହାର, ଭୁବନେଶ୍ୱର

ହସିବାଟା ଜରୁରୀ

ମଣିଷ ଜୀବନ ହସଲୁହ ମିଶ୍ରଣରେ ଗଢ଼ା। ମୁଖମଣ୍ଡଳ ଦର୍ଶାଇଦିଏ ବ୍ୟକ୍ତି ଜଣଙ୍କ ସୁଖୀ ନା ଦୁଃଖୀ। ସମୟ ଚକ୍ରରେ ସୁଖ ଦୁଃଖ ପାଳିକରି ଆସିଥାଏ ମଣିଷ ଜୀବନରେ। ଶୁଭଖବର ଟିଏ ଶୁଣିଲେ ମନ ଆନନ୍ଦରେ ନାଚି ଉଠେ ତ ଦୁଃଖଖବର ବେଳେ ଆଖିରୁ ଝରିପଡେ ଧାର ଧାର ଲୁହ। ଦେଖିବାକୁ ଗଲେ ଆଜିର ସମୟରେ ଅନେକ ଲୋକଙ୍କ ପାଖରେ ସବୁ ଥାଇ ବି ସେ ଦୁଃଖରେ ଆଉ ଯାହାଙ୍କ ପାଖରେ କିଛି ନାହିଁ ସେ ବି ଦୁଃଖରେ। ମୋଟ ଉପରେ କହିବାକୁ ଗଲେ ଦୁଃଖୀ ଲୋକଙ୍କ ସଂଖ୍ୟା ବର୍ତ୍ତମାନ ଖୁବ୍ ଅଧିକ। ଘଡ଼ିଏ ହସମଜା ଦୁଃଖସୁଖ ହେବାକୁ କାହାରି ପାଖରେ ସମୟ ନାହିଁ। ବାଟରେ ଘାଟରେ ଭେଟ ହେଇଥିବା ଲୋକଟିକୁ ଭଲମନ୍ଦ ପଚାରିବା ମାତ୍ରେ ସେଇ ଗୋଟିଏ ଉତ୍ତର ମିଳେ କ'ଣ ନାଁ ମୁଁ ବହୁତ ବ୍ୟସ୍ତରେ ଅଛି। ବ୍ୟସ୍ତତା ବା ଟେନସନ୍ ମଣିଷର କେତେ ଯେ କ୍ଷତି କରେ ତାହା ଅନେକଙ୍କୁ ହୁଏତ ଜଣା ନାହିଁ। ଏହି ବ୍ୟସ୍ତତା ବା ଟେନସନ୍ ହିଁ ଅନେକ ରୋଗର କାରଣ ସାଜୁଛି। ଆଜି ଆମ ଆଖପାଖରେ ହସଖୁସିଆ ଖୁସିମିଜାଜ ମଣଷଟେ ପାଇବା କଷ୍ଟ ହେଲାଣି। ପ୍ରକୃତି ପ୍ରଦତ୍ତ ମୂଲ୍ୟବାନ ଉପହାର ମଧ୍ୟରୁ ହସ ଅନ୍ୟତମ। ହସ ହିଁ ଅନେକ ଗୁଡିଏ ସମସ୍ୟାରୁ ଆମକୁ ମୁକୁଳାଇ ଥାଏ। ଆନନ୍ଦ ମନରେ ମିଠା ମିଠା କଥାରେ ଯେଉଁ କାର୍ଯ୍ୟଟି ହୋଇପାରିବ କିଛି ଲୋକ କଟୁକଥା କହି ବିଗାଡ଼ି ଦିଅନ୍ତି। ଯାହା ଫଳରେ କାର୍ଯ୍ୟଟି ସମ୍ପୂର୍ଣ୍ଣ ତ ହୋଇପାରେନି ଅଯଥା ନିନ୍ଦା ଅପବାଦର ଶିକାର ହେବାକୁ ପଡେ। ପ୍ରକୃତରେ ମୁଖମଣ୍ଡଳର ସୌନ୍ଦର୍ଯ୍ୟ ସ୍ନୋ ଓ ପାଉଡର ଯା କ୍ରିମରେ ନୁହେଁ ବରଂ ଚେନାଏ ହସରେ ସବୁକିଛି। ହସଖୁସିଆ ଲୋକଟି ସର୍ବଦା ସକରାତ୍ମକ ଦୃଷ୍ଟିକୋଣରୁ ଚିନ୍ତାକରିଥାନ୍ତି। ଅନେକ ଜଟିଳ ସମସ୍ୟାକୁ ସେମାନେ ସ୍ୱଳ୍ପ ସମୟରେ ନିପଟେଇବାକୁ ସକ୍ଷମ। ଏପରି ବ୍ୟକ୍ତିଙ୍କ ସ୍ୱଭାବ ସତରେ ଖୁବ ନିଆରା। ନିଜ ପାଖରେ ଥାଉ ନଥାଉ ସବୁସମୟରେ ମୁହଁରେ ହସ ଝଲସୁ ଥାଏ। ମିଠାମିଠା କଥାରେ ସେମାନେ ଅନ୍ୟମାନଙ୍କ ମୁହଁରେ ହସ ଫୁଟାଇପାରନ୍ତି। ସେପରି ଗୁଣର ବ୍ୟକ୍ତି ଖୁବ୍ ମିଳାପି ଆଉ ସ୍ନେହୀ। ମାତ୍ର ସ୍ୱଳ୍ପ ସମୟର ଦେଖାଚାହାଁରେ ଅନ୍ୟ ଜଣଙ୍କୁ ନିଜର କରିଦିଅନ୍ତି। ଭଗବାନଙ୍କ ତରଫରୁ ସେମାନଙ୍କ ଲାଗି ଏହା ଏକ ବରଦାନ କହିଲେ ଭୁଲ ହେବନି।

ଦେବେନ୍ଦ୍ର କର



ହସିବାର ତରିକା ବି ସଭିଙ୍କର ଭିନ୍ନ ଭିନ୍ନ କେହି କେହି ମନଖୋଲି ବଡ଼ଜୋରରେ ହସିଥାନ୍ତି ତ କେହି ଧୀରେ ଧୀରେ ତ ପୁଣି କେହି କେହି ଚୁପ୍‌ଚାପ୍ ମନେମନେ। ଧୀରେ ଧୀରେ ହସୁଥିବା ବ୍ୟକ୍ତି ଆଖପାଖକୁ ଯଥେଷ୍ଟ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଏକ ଅଧ୍ୟୟନ ଅନୁଯାୟୀ ଝିଅମାନେ ପୁଅଙ୍କ ଅପେକ୍ଷା ଅଧିକ ହସିଥାନ୍ତି। ଆମେ ଯେତେବେଳେ ହସୁ ଆମ ଶରୀରର ୬୨ଟି ମାଂସପେଶୀ କାର୍ଯ୍ୟକରିଥାଏ। ଶୁଣିବାକୁ ମିଳେ ହସ ହୃଦୟକୁ ମାଲିସ୍ କରେ। ହସିଲେ ଆନନ୍ଦ ରୂପକ ଦୀପଟି ଆହୁରି ଉଜ୍ଜ୍ୱଳ ହୋଇଉଠେ ଫଳସ୍ୱରୂପ ଅନ୍ୟମାନେ ଆଲୋକିତ ହୋଇଉଠନ୍ତି। ବିଶେଷଜ୍ଞଙ୍କ ମତରେ ପ୍ରତିଦିନ ୧୦ମିନିଟ୍ ହସିଲେ ଆମ ଶରୀରକୁ ଯେତିକି ଶକ୍ତିମିଳେ ଯେତିକି ପ୍ରାତଃ ଭ୍ରମଣରେ ଏକ କିଲୋମିଟର ଚାଲିଲେ ମିଳିଥାଏ। ଡାକ୍ତରଙ୍କ ମତରେ ହସମିଜାଜ ଲୋକ ବ୍ୟସ୍ତତାପୂର୍ଣ୍ଣ ଲୋକଙ୍କଠାରୁ ଅଧିକ ସ୍ୱାସ୍ଥ୍ୟବାନ ଓ ଦୀର୍ଘାୟୁ। ହସିଲେ ରକ୍ତଚାପ ସ୍ଥିର ହେବା ସହ ଫୁସଫୁସ୍ ମଜଭୁତ ହୋଇଥାଏ। ହୃଦୟରର କାର୍ଯ୍ୟକ୍ଷମତା ବୃଦ୍ଧି ପାଇଥାଏ। ହସକୁରା ଲୋକଙ୍କୁ ମାନସିକ ରୋଗ ଆଦୌ ଆକ୍ରାନ୍ତ କରିପାରେନି। ହସିବା ସମୟରେ ଆମ ଶରୀରରୁ ଇଣ୍ଡରଫିନ୍ ନାମକ ହରମୋନ ନିର୍ଗତ ହୋଇଥାଏ। ଏଇ ହରମୋନ୍ ମନରେ ଉତ୍ସାହ ବୃଦ୍ଧିକରେ ନୂତନ କାର୍ଯ୍ୟ କରିବା ପାଇଁ। ଯେଉଁମାନେ ସର୍ବଦା ଚିଡଚିଡ କ୍ରୋଧୀ ସ୍ୱଭାବର ସେମାନେ ସବୁ ସମୟରେ ଏଣ୍ଡୁତେଣ୍ଡୁ କଥାକୁ ମୁଣ୍ଡରେ ଦୋହରାଇଥାନ୍ତି। ଛୋଟିଆ କଥାକୁ କ'ଣ କାହିଁକି କେମିତି ବାରବାର ନିଜକୁ ନିଜେ ପ୍ରଶ୍ନକରିଥାନ୍ତି ଯାହାର କୌଣସି ମୂଲ୍ୟ ହିଁ ନଥାଏ। ଏପରି ବ୍ୟକ୍ତିଙ୍କ ମୁଖମଣ୍ଡଳ ସର୍ବଦା ଗମ୍ଭୀର ଆଉ ମଳିନ ଦେଖାଯାଏ। ଏମାନେ ନିଜକୁ କଷ୍ଟ ଦେବା ସହ ଘର ପରିବାର ଲୋକଙ୍କ ମନରେ ବି କଷ୍ଟ ଦିଅନ୍ତି। ଅଯଥା କଥାକୁ ମନରୁ ଯଥା ସମ୍ଭବ ଦୂରେଇ ପାରିଲେ ନିଜ ପାଇଁ ହିତକର। ଅଧିକ ଭାବିଲେ ସମସ୍ୟା ତ ସମାଧାନ ହୁଏନି ଓଲଟା ନିଜେ ହିଁ ରୋଗାକ୍ରାନ୍ତ ହେବାର ସମ୍ଭାବନା ବଢିଯାଏ। ଅସମୟରେ ଭାଙ୍ଗିନପଡିବ ପରସ୍ଥିତିକୁ ଦୃଢତାର ସହ ସାମ୍ନା କରିବା ଲୋକଟି ବୁଦ୍ଧିମାନ ପରିଚୟ ଦିଏ। ସବୁ ସମୟରେ ଆନନ୍ଦ ମନରେ ଅନ୍ୟକୁ ସାହାଯ୍ୟ ସହଯୋଗର ହାତ ବଢେଇଲେ ନିଜ ଭିତରେ ସକାରାତ୍ମକ ଚିନ୍ତାଧାରା ବୃଦ୍ଧି ପାଏ। ଘରେ ହେଉ ବା ଅଫିସ୍‌ରେ ସବୁକାମକୁ ଆବୋରି ନେଇ ବାଃ ବାଃ ନେଲେ ନିଜକୁ ହିଁ ଟେନସନ୍। ମିଳିମିଶି ହସିହସି ବାଣ୍ଟିକି କରିଦେଲେ କାର୍ଯ୍ୟ ଚାପ କମିବା ସହିତ ମନ ପ୍ରଫୁଲ୍ଲ ରହିବ।

ଅନ୍ୟ ମୁହଁରେ ହସ ଫୁଟାଇବା କହିବାକୁ ଗଲେ ଏକ ସେବା। ଯାହାଙ୍କ ପାଖରେ ଅନ୍ୟକୁ ହସେଇବାର କଳା ରହିଛି ସେମାନେ କୌଣସି ଡାକ୍ତରଙ୍କ ଠାରୁ କମ୍ ନୁହନ୍ତି। ମିଠାମିଠା ଆଶ୍ୱାସନାପୂର୍ଣ୍ଣ କେଇ ପଦ କଥାରେ ଯନ୍ତ୍ରଣାରେ ଛଟପଟ ହେଉଥିବା ରୋଗୀଟିର ମନୋବଳ ବୃଦ୍ଧି ପାଇବା ସହ ଯନ୍ତ୍ରଣାରୁ ଅନେକାଂଶରେ ଉପଶମ ମିଳିଯାଏ। ଆଜିକାଲି ଅନେକ ଲୋକ ହସିବା ପାଇଁ କମେଡି ଫିଲ୍ମ ଓ ଲାଫିଙ୍ଗ୍ ଥେରାପିର ସାହାଯ୍ୟ ନେଉଛନ୍ତି। ସଞ୍ଜ ସକାଳେ ପାର୍କ ଓ କ୍ଲବ ମାନଙ୍କରେ ହସ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଶାରୀରିକ ବ୍ୟାୟାମ ପରି ହସ ବି ଏକ ବ୍ୟାୟାମ। ହସିଲେ ଶରୀର ଫୁର୍ତ୍ତି ଲାଗେ ଓ ମନରୁ ଦୁଃଖ ଅବସାଦ ଦୂରେଇ ଯାଏ। ହସ ହିଁ ଅନେକ ଗୁଡିଏ ରୋଗର ମହୌଷଧୀ। ହସ ଯାହାକି ବିନା ଖର୍ଚ୍ଚ ବିନା ପରିଶ୍ରମରେ ଆମକୁ ମିଳିଥାଏ। ଦୈନନ୍ଦିନ ଜୀବନରେ ପ୍ରାୟ ସମୟରେ ଆମେ ନିଜେ ନିଜକୁ ହିଁ ଦ୍ୱନ୍ଦ୍ୱ ଭିତରକୁ ଠେଲି ଦେଇଥାଉ। ଏହାଦ୍ୱାରା ଆମେ ନିଜେ ଯେତିକି ଘାଣ୍ଟି ହେଇଥାଉ ଘରପରିବାରର ସୁଖଶାନ୍ତିରେ ବି ବାଧା ଦେଉ। ପ୍ରତ୍ୟେକ କାର୍ଯ୍ୟରେ ଧୈର୍ଯ୍ୟ ହରା ନହୋଇ ଧୀରସ୍ଥିର ଶାନ୍ତ ମନରେ ତୁଲେଇବାକୁ ହେବ। ସର୍ବଦା ସ୍ୱଳ୍ପରେ ସନ୍ତୁଷ୍ଟି ନୀତିକୁ ଆପଣେଇ ମନରୁ ରାଗ ହିଂସା କ୍ରୋଧକୁ ବହିଷ୍କାର ଜରୁରୀ। ମଣିଷ ଜୀବନ ଦୁଇଦିନର ଆଜି ଅଛି କାଲିକି ନାହିଁ। ତେଣୁ ସ୍ୱଳ୍ପ ଦିନର ଆୟୁକାଳରେ ସ୍ନେହ ମମତା ଡୋରରେ ସଭିଙ୍କୁ ଆଦରି ନେଲେ ଜୀବନ ହସଖୁସିରେ ପୂରି ଉଠିବ। ■

ମଙ୍ଗଳାବାଗ, ନିୟୋଗି କଲୋନୀ, କଟକ
ମୋ: ୯୯୩୭୯୬୩୯୧୦

ସିରିଆ ସମସ୍ୟାର ସମାଧାନ

ସିରିଆର ଏକଛତ୍ରବାଦୀ ଶାସକ ବଶର୍ ଅଲ୍-ଆସାଦ୍ ବିଦ୍ରୋହ ଦମନ ଆଳରେ ନିରୀହ ଲୋକଙ୍କୁ ନିର୍ମମ ଭାବେ ହତ୍ୟା କରୁଥିବାରୁ ମାନବାଧିକାରର ପ୍ରବକ୍ତା ସାଜିଥିବା ପାଶ୍ଚାତ୍ୟ ଜଗତର କେତେକ ଗଣତାନ୍ତ୍ରିକ ଦେଶ ପ୍ରତିକ୍ରିୟାଶୀଳ ହୋଇଛନ୍ତି। ଆସାଦ୍‌ଙ୍କ ସେନା ଗତ ୭ ତାରିଖରେ ରାସାୟନିକ ଅସ୍ତ୍ର ପ୍ରୟୋଗ କରିବାରୁ ୪୦ଜଣଙ୍କ ମୃତ୍ୟୁ ଘଟିବା ସାଙ୍ଗକୁ ୫୦୦ରୁ ଅଧିକ ଲୋକ ଗୁରୁତର ଅସୁସ୍ଥ ହୋଇଥିବା ଅଭିଯୋଗ ହେଲା। ରାସାୟନିକ ଅସ୍ତ୍ରର ନିର୍ମାଣ, ଭଣ୍ଡାରଣ ଓ ପ୍ରୟୋଗକୁ ନିଷିଦ୍ଧ କରିବାକୁ ପ୍ରତିବଦ୍ଧ ଥିବା ଦେଶମାନେ ସିରିଆରେ ରାସାୟନିକ ଅସ୍ତ୍ର ପ୍ରୟୋଗ ହୋଇଥିବା ଖବରର ସତ୍ୟାସତ୍ୟ ଯାଞ୍ଚ୍ ଯାଏ ଅପେକ୍ଷା ନକରି ଆସାଦ୍‌ଙ୍କୁ ଶିକ୍ଷା ତଥା ଚେତାବନୀ ଦେବାକୁ ବାହାରିଲେ। ଆମେରିକା, ଇଂଲଣ୍ଡ ଓ ଫ୍ରାନ୍ସ ସେନା ମିଳିତ ଭାବେ ସିରିଆର ରାସାୟନିକ ଅସ୍ତ୍ର ନିର୍ମାଣ କରୁଥିବା କାରଖାନା, ବିଜ୍ଞାନ ଗବେଷଣା କେନ୍ଦ୍ର ଓ ରାସାୟନିକ ଅସ୍ତ୍ର ଗଚ୍ଛିତ ରହିଥିବା ସନ୍ଦେହରେ କେତେକ ଅସ୍ତ୍ରାଗାର ଉପରେ ଶନିବାର ସକାଳୁ କିଛି ଘଣ୍ଟା ଧରି କ୍ଷେପଣାସ୍ତ୍ର ଆକ୍ରମଣ ଚଳାଇଲେ। ସିରିଆର ରାଜଧାନୀ ଦାମାସକସ୍ ସମେତ ଅନେକ ଅଞ୍ଚଳରେ ଥିବା ମିଲିଟାରୀ ଟାର୍ଗେଟଗୁଡ଼ିକୁ ଲକ୍ଷ୍ୟ କରି ୧୧୦ଟି କ୍ଷେପଣାସ୍ତ୍ର ପ୍ରୟୋଗ କରାଗଲା। ସେଥିରେ ସିରିଆର କେହି ସୈନ୍ୟ କିମ୍ବା ବେସାମରିକ ନାଗରିକ ମୃତାହତ ହୋଇନାହାନ୍ତି ବୋଲି କୁହାଗଲା। ଦିନତମାମ କ୍ଷେପଣାସ୍ତ୍ର ଆକ୍ରମଣରେ ସିରିଆର ରାସାୟନିକ ଅସ୍ତ୍ର ପ୍ରୟୋଗ ସାମର୍ଥ୍ୟ କେତେ କମିଲା ତାହା ନକହି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସନ୍ଧ୍ୟାରେ 'ମିଶନ୍ ଆକମ୍ପ୍ଲିସଡ୍' ବୋଲି ଟ୍ୱିଟ୍ କରି ଆତ୍ମସନ୍ତୋଷ ପ୍ରକାଶ କରିଛନ୍ତି। ସିରିଆ ଉପରେ ଆମେରିକା-ଇଂଲଣ୍ଡ-ଫ୍ରାନ୍ସ ତ୍ରିଶକ୍ତିଙ୍କ ଆକ୍ରମଣକୁ ଜର୍ମାନୀ, ୟୁରୋପୀୟ ସଂଘ, କ୍ୟାନାଡା, ଇସ୍ରାଏଲ୍, ସାଉଦୀ ଆରବ ଓ ତୁର୍କୀ ଆଦି ଦେଶ ସମର୍ଥନ ଦେଇଥିବା ବେଳେ ରୁଷ୍, ଚୀନ ଓ ଇରାନ୍ ବିରୋଧ କରିଛନ୍ତି। ପ୍ରଲମ୍ବିତ ଆକ୍ରମଣ ଚଳାଇଲେ ଅନ୍ତର୍ଜାତୀୟ ସମ୍ପର୍କରେ ଫାଟ ଅଧିକ ଚଉଡ଼ା ଓ ଗଭୀର ହେବା ଆଶଙ୍କା କରି ଟ୍ରମ୍ପ-ମେ'-ମାକ୍ରନ୍ 'ଲକ୍ଷ୍ୟ ହାସଲ ହୋଇଗଲା' କହି ଆକ୍ରମଣ ବନ୍ଦ କରିଛନ୍ତି। ସିରିଆରେ ୨୦୧୧ ମାର୍ଚ୍ଚରୁ ଆସାଦ୍‌ଙ୍କୁ ଶାସନରୁ ହଟାଇବା ପାଇଁ ବିଦ୍ରୋହ ଚାଲିଛି। ଗତ ୭ବର୍ଷରେ ସେଠାରେ ଗୃହଯୁଦ୍ଧରେ ୩ ଲକ୍ଷ ୫୦ହଜାରରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ୨୦୧୫ ସେପ୍ଟେମ୍ବରରେ ରୁଷ୍ ସେନା ସିରିଆରେ ପହଞ୍ଚି ବିଦ୍ରୋହ ଦମନରେ ଆସାଦ୍‌ଙ୍କ ସେନାକୁ ସହାୟତା ଦେଇଆସୁଛି। ରୁଷ୍ ସେନାର ସହାୟତାରେ ଆସାଦ୍‌ଙ୍କ ବାହିନୀ ସିରିଆର ଦ୍ୱିତୀୟ ବୃହତ୍ତମ ସହର ଆଲିପ୍ପୋ ସମେତ ହମସ୍ ଓ ହାମା ସହରକୁ ବିଦ୍ରୋହୀଙ୍କ କବଳରୁ ମୁକ୍ତ କରିସାରିଛନ୍ତି। ସିରିଆ ଜନସଂଖ୍ୟାର ୭୦ ପ୍ରତିଶତ ବସବାସ କରୁଥିବା ଅଞ୍ଚଳ ଏବେ ଆସାଦ୍‌ଙ୍କ ସେନାର ନିୟନ୍ତ୍ରଣରେ ରହିଛି। 'ଫ୍ରି ସିରିଆନ୍ ଆର୍ମି' ବ୍ୟାନରରେ ଏକାଠି ଲଢୁଥିବା ବିଦ୍ରୋହୀଙ୍କ ସେନା ବଳ ମଧ୍ୟ ଅନେକ ଭାଗ କମିଲାଣି। ଗତ ଫେବୃଆରୀଠାରୁ ବିଦ୍ରୋହୀମାନେ ସିରିଆର ରାଜଧାନୀ ଦାମାସ୍‌କସ୍ ନିକଟବର୍ତ୍ତୀ ପୂର୍ବ-ଘୌଟା ଅଞ୍ଚଳରେ ରହିଛନ୍ତି। ସିରିଆର କୁର୍ଦ୍ଦ ମିଲିସିଆମାନେ ଗଢ଼ିଛନ୍ତି ପିପୁଲ୍‌ସ ପ୍ରୋଟେକ୍ସନ୍ ୟୁନିଟ୍‌ସ। ସେମାନେ ଆସାଦ୍‌ଙ୍କ ସେନା କିମ୍ବା ବିଦ୍ରୋହୀଙ୍କ ବାହିନୀ-କାହାରି ପକ୍ଷ ନେଉନାହାନ୍ତି। କୁର୍ଦ୍ଦ ମିଲିସିଆଙ୍କ ନିୟନ୍ତ୍ରଣରେ ଏବେ ସିରିଆର ୨୮ ପ୍ରତିଶତ ଅଞ୍ଚଳ ରହିଛି, ଯେଉଁଠାରେ ସିରିଆର ଜନସଂଖ୍ୟାର ୧୫ ପ୍ରତିଶତ ବସବାସ କରିଥାନ୍ତି। ଗତବର୍ଷ ଇରାନ, ତୁର୍କୀ ଓ ରୁଷ ମିଶି ସିରିଆରେ ୪ଟି 'ଡି-ଏସ୍କାଲେସନ୍' ଜୋନ୍ ଗଢ଼ାଯିବା ଯୋଜନା କରିଛନ୍ତି। ଇତିମଧ୍ୟରେ ସିରିଆ ଅଞ୍ଚଳରୁ ଆଇଏସ୍‌ଆଇଏସ୍ ଜେହାଦୀମାନେ ପୂର୍ଣ୍ଣତଃ ବିତାଡ଼ିତ ହୋଇସାରିଛନ୍ତି। ସିରିଆରେ ଅଶାନ୍ତି ଓ ହିଂସାର ବାତାବରଣ କ୍ରମଶଃ ଦୂର ହେଉଥିବାବେଳେ, ଆସାଦ୍‌ଙ୍କ ସେନା ରାସାୟନିକ ଅସ୍ତ୍ର ପ୍ରୟୋଗ କରିଥିବା ଏଯାଏ ପ୍ରମାଣିତ ହୋଇନଥିବା ସତ୍ତ୍ୱେ ଆମେରିକା-ଇଂଲଣ୍ଡ-ଫ୍ରାନ୍ସ ପକ୍ଷରୁ ସିରିଆ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରାଯିବା ଜରୁରୀ ନଥିଲା। ଇଂଲଣ୍ଡ ପ୍ରଧାନମନ୍ତ୍ରୀ ଥେରେସା ମେ' କହସାରିଛନ୍ତି ଯେ ସିରିଆ ଗୃହଯୁଦ୍ଧରେ ହସ୍ତକ୍ଷେପ କରିବା କିମ୍ବା ଆସାଦ୍‌ଙ୍କୁ କ୍ଷମତାଚ୍ୟୁତ କରିବା ଲକ୍ଷ୍ୟରେ କ୍ଷେପଣାସ୍ତ୍ର ଆକ୍ରମଣ କରାଯାଇନି। ରାସାୟନିକ ଅସ୍ତ୍ର ପ୍ରୟୋଗ ନକରିବାକୁ କେବଳ ଆସାଦ୍‌ଙ୍କୁ ଚେତାବନୀ ଦେବା ଓ ଆସାଦ୍‌ଙ୍କ ରାସାୟନିକ ଅସ୍ତ୍ର ଭଣ୍ଡାର ଧ୍ୱଂସ କରିବା ଲକ୍ଷ୍ୟରେ କ୍ଷେପଣାସ୍ତ୍ର ଆକ୍ରମଣ କରାଗଲା। ସିରିଆର ଜନସାଧାରଣ ଯେପରି ଅଧିକ ସୁରକ୍ଷିତ ରହିବେ ତାହା ନିଶ୍ଚିତ କରିବା ହିଁ କ୍ଷେପଣାସ୍ତ୍ର ଆକ୍ରମଣର ଉଦ୍ଦେଶ୍ୟ ଥିଲା ବୋଲି ଆମେରିକା-ଇଂଲଣ୍ଡ-ଫ୍ରାନ୍ସ ମେଣ୍ଟ ପକ୍ଷରୁ ସଫେଇ ଦିଆଯାଇଛି। କ୍ଷେପଣାସ୍ତ୍ର ଓ ବୋମା ନିକ୍ଷେପ କରି ଶାନ୍ତି ଓ ସୁରକ୍ଷାର ବାତାବରଣ ସୃଷ୍ଟି କରିହେବ ବୋଲି ଟ୍ରମ୍ପ-ମେ'-ମାକ୍ରନ୍ ଯାହା ଭାବୁଛନ୍ତି ତାହା ବିତର୍କ ସାପେକ୍ଷ। ସିରିଆ ପାଇଁ ସାମରିକ ନୁହେଁ, ସବୁ ପକ୍ଷଙ୍କୁ ନେଇ କାର୍ଯ୍ୟକାରୀ ହୋଇପାରିବା ଭଳି ଅର୍ଥାତ୍ ବାସ୍ତବଧର୍ମୀ ଏକ ରାଜନୀତିକ ସମାଧାନ ଦରକାର। ଜର୍ଡାନର କିଙ୍ଗ୍ ଅବଦୁଲ୍ଲା(ଦ୍ୱିତୀୟ) ବିନ୍ ଅଲ୍-ହୁସେନ୍ ମଧ୍ୟ ଅନୁରୂପ ମତ ଦେଇଛନ୍ତି। ■

ଶରିଫ୍ ଓ ପାକିସ୍ତାନ ସୁପ୍ରିମ୍‌କୋର୍ଟ

ପାନାମା ପେପର୍ସ ମାମଲାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ୍ ଶରିଫ୍ ନିଜ ପଦରୁ ଇସ୍ତଫା ଦେବାକୁ ମାତ୍ର ବର୍ଷେ ମଧ୍ୟ ପୂରିନାହିଁ, ଅଥଚ ପୂରିଗଲା ତାଙ୍କ ରାଜନୀତିକ ଜୀବନ। ଗତ ଶୁକ୍ରବାର ଦିନ ପାକିସ୍ତାନ ସୁପ୍ରିମକୋର୍ଟର ଏକ ପାଞ୍ଚଜଣିଆ ଖଣ୍ଡପୀଠର ସମସ୍ତ ବିଚାରପତିଙ୍କ ସହମତି କ୍ରମେ ତାଙ୍କୁ ଆଜୀବନ ବାସନ୍ଦ କରାଯାଇଛି ରାଜନୀତିରୁ। ଗତବର୍ଷ ପାକିସ୍ତାନ ସମ୍ବିଧାନର ଅନୁଚ୍ଛେଦ ୬୨(୧)(ଏଫ୍/ଚ) ଯାହାର ସର୍ତ୍ତ ଅନୁସାରେ ପାକିସ୍ତାନ ସଂସଦର ଜଣେ ସଦସ୍ୟଙ୍କୁ 'ସାଦିକ୍' (ସାଧୁ) ଏବଂ 'ଆମିନ' (ସଚ୍ଚୋଟ/ ନୀତିନିଷ୍ଠ) ହେବା ଆବଶ୍ୟକ, ତଦନୁଯାୟୀ ପାକ୍ ସୁପ୍ରିମକୋର୍ଟ ତାଙ୍କୁ ପ୍ରଧାନମନ୍ତ୍ରୀ ପଦ ନିମନ୍ତେ ଅଯୋଗ୍ୟ ଘୋଷିତ କରିଥିଲା ଏବଂ ଏହାପରେ ଶରିଫ୍ ଜୁଲାଇ ମାସରେ ଇସ୍ତଫା ପ୍ରଦାନ କରିଥିଲେ। ଆଉ ଏବେ କୋର୍ଟ ତାଙ୍କୁ ଆଦେଶ ଦେଇଛି ଆଜୀବନ ରାଜନୀତିରୁ ଦୂରେଇ ରହିବାର। ଏଥିରେ ସନ୍ଦେହ ନାହିଁ ଯେ ନୱାଜ୍ ଶରିଫ୍ ବ୍ୟକ୍ତିଗତ ଜୀବନରେ ଆଦୌ ଶରିଫ୍ ବା ଭଦ୍ରଲୋକ ନଥିଲେ କାରଣ କ୍ଷମତାର ଅପବ୍ୟବହାର କରି ସେ ଓ ତାଙ୍କ ପରିବାର ତଥା ଆତ୍ମୀୟସ୍ୱଜନ ପର୍ଯ୍ୟାପ୍ତ ଧନ ଅର୍ଜନ କରିଛନ୍ତି। ତେବେ, ଭଲ ହୁଅନ୍ତୁ କି ଖରାପ, ଶରିଫ୍‌ଙ୍କ ଶାସନରେ ପାକିସ୍ତାନର ଅର୍ଥନୀତିକ ଅଭିବୃଦ୍ଧି ନିରନ୍ତର ଭାବରେ ଜାରି ରହିଥିଲା। ଏଥିସହିତ ଭାରତ ସୀମାରେ ମଧ୍ୟ ଉତ୍ତେଜନାକୁ ହ୍ରାସ କରିବା ନିମନ୍ତେ ଆଲୋଚନାର ସମ୍ଭାବନା ରହିଥିଲା। ସେହିପରି ବର୍ତ୍ତମାନ ପାକିସ୍ତାନକୁ ଚୀନ୍ ଯେମିତି ତା'ର ଏକ ଉପନିବେଶରେ ପରିଣତ କରିବା ଦିଗରେ ଆଗେଇ ଚାଲିଛି, ତାକୁ ଶରିଫ୍ କ୍ୱଚିତ୍ ସେପରି କରିବାକୁ ଅନୁମତି ପ୍ରଦାନ କରିଥାନ୍ତେ। କିନ୍ତୁ ଶରିଫ୍‌ଙ୍କ ରାଜନୀତି ଶେଷ ହୋଇ ଯାଇଥିବାରୁ ପାକିସ୍ତାନରେ ପ୍ରକୃତ ଗଣତନ୍ତ୍ରର ଏକ ପ୍ରକାର ଶେଷ ହୋଇଛି ବୋଲି କୁହାଯାଇପାରେ, କାରଣ ନିକଟ ଭବିଷ୍ୟତରେ ଏ ଦେଶରେ ସେପରି ବିଶେଷ କିଛି ପରିବର୍ତ୍ତନ ହେବା ଆଶା କରାଯାଇ ନପାରେ। ବରଂ ଏହାଦ୍ୱାରା ପାକିସ୍ତାନର ସେନା ଚୀନ୍‌ର କରଦ ରାଜ୍ୟ ଏବଂ ଏହାର ବିଚାର ବ୍ୟବସ୍ଥା ମୌଳବାଦକୁ ନେଇ ସନ୍ତୁଷ୍ଟ ରହିବାର ପଥ ପରିଷ୍କାର ହୋଇଛି। ■

ସମ୍ପାଦକଙ୍କୁ ପତ୍ର

ଜେଲ୍ କର୍ମଚାରୀ ସୁଧୁରନ୍ତୁ

ଜଣେ ଅପରାଧୀ ଅପରାଧ ଘଟାଇବା ପରେ ତା'ର ଆଇନଗତ ଆଶ୍ରୟସ୍ଥଳୀ ହେଉଛି ଜେଲ୍, ପରିଚୟ କଏଦୀ। ଯଦି ଜେଲ୍ ମଧ୍ୟରେ ଥାଇ ଜେଲ୍ ବାହାରେ କୌଣସି ମାଧ୍ୟମ ବଳରେ କଏଦୀ ଅପରାଧ ଘଟାଇବାକୁ ସକ୍ଷମ ହେଲା, ଧନ୍ୟ ଆମ ଜେଲ୍ ବ୍ୟବସ୍ଥା। ଧନ୍ୟ ଜେଲ୍ ଅଧିକାରୀ, କର୍ମଚାରୀ ଓ ୱାର୍ଡରଙ୍କ କାର୍ଯ୍ୟକଳାପ। ସତକଥା, ପ୍ରଶାସନିକ କାର୍ଯ୍ୟ ଯଦି ହୁଗୁଳା, ଢିଲା ନ ଥାନ୍ତା, ଆଜି ଅପରାଧର ମାତ୍ରା ବୃଦ୍ଧି ପାଇ ସମାଜ କଳୁଷିତ ହେଉ ନଥାନ୍ତା। କଥା ହେଉଛି, ଏମାନେ ଜେଲ୍‌ର ଜଗୁଆଳି ନା ନାମୀ, ଥିଲାବାଲା କଏଦୀଙ୍କ ବୋଲକରା ଚାକର। ଜେଲ୍ ମଧ୍ୟକୁ ଯାହା ପ୍ରବେଶ ନିଷେଧ, ଜେଲ୍ ମଧ୍ୟକୁ ଏପରି ସାମଗ୍ରୀ, ଆସବାବପତ୍ର ଯାଉଛି କିପରି ? କଏଦୀଙ୍କୁ ଏହା ଦେଉଛି କିଏ ? ଏହି ଜେଲ୍ କର୍ମଚାରୀ ସରକାରୀ ନୀତିନିୟମରେ ପରିଚାଳିତ ହେବେ ନା ହାଇ ଭୋଲ୍‌ଟେଜ୍ କଏଦୀଙ୍କ ବୋଲକରା ବନିବେ। ଭୁବନେଶ୍ୱର ଝାରପଡ଼ା ଜେଲର ଜଣେ ୱାର୍ଡରଙ୍କୁ ଗୁଳିକରି ହତ୍ୟା କରାଗଲା। ଏହାର କାରଣ କ'ଣ ହୋଇପାରେ। ଏହା ଜେଲ୍‌ଖାନା ନା ଆଖଡ଼ାଶାଳ। କଏଦୀ ଜେଲ୍ ବାହାରେ ପାନଦୋକାନରେ ଛିଡ଼ା ହେବାର ଦୃଶ୍ୟ ଟିଭିରେ ପ୍ରସାରିତ ହୋଇଛି। ଜେଲ୍‌ରେ ଏପରି ହୁଗୁଳା ବାତାବରଣ ସୃଷ୍ଟି କରୁଛି କିଏ ? ଜାମର ଅଚଳ, ଫଳସ୍ୱରୂପ କଏଦୀ ଆରାମରେ ମୋବାଇଲ୍ ବ୍ୟବହାର କରିପାରୁଛି। ଅବାଧରେ ଜେଲ୍ ମଧ୍ୟକୁ ନିଶାଦ୍ରବ୍ୟ ଯାଇପାରୁଛି। ସରକାର ତଥା ପ୍ରଶାସନ ପ୍ରଥମେ ଜେଲ୍ କର୍ମଚାରୀଙ୍କୁ ସୁଧାରି ବାଟକୁ ଆଣନ୍ତୁ। ପରେ କଏଦୀ ଚିନ୍ତା।

ମନୋରଞ୍ଜନ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ରେଳ ଟିକେଟ ପରିବର୍ତ୍ତନ ହେଉ

କେନ୍ଦ୍ର ସରକାରଙ୍କ ଅଧୀନରେ ରେଳବିଭାଗରେ ଆନୁମାନିକ ୨୦ଲକ୍ଷରୁ ଅଧିକ କର୍ମଚାରୀ କାମ କରନ୍ତି। ଏଥର ରେଳବଜେଟ୍‌ରେ ରେଳ ଯାତ୍ରୀଙ୍କ ନିରାପତ୍ତା ପାଇଁ କିଛିଟା ପଦକ୍ଷେପ ନେଉଛନ୍ତି ଯାହାକି ସ୍ୱାଗତଯୋଗ୍ୟ। ଯେଉଁ ରେଳ ଟିକେଟ ମିଳୁଥିଲା ସେ ଖୁବ୍ ଭଲ ଥିଲା। ଛୋଟ ପଟା କାଗଜରେ ଟିକେଟ ପ୍ରସ୍ତୁତ ହେଉଥିଲା। ତାହା ଆଣିଲାବେଳେ ବିକ୍ରେତା ଏକ ମେସିନ୍ ଭିତରେ ଭର୍ତ୍ତି କରି ଦେଇଥାଏ। ଟିକେଟ ମେସିନ୍ ଭିତରେ ପଶିଲା ବେଳେ ଏକ ଭୟଙ୍କର ଶବ୍ଦ କରେ। ଟିଟିଆଇ ତାକୁ ଏକ ପ୍ଲାସ ସାହାଯ୍ୟରେ ଚେକିଙ୍ଗ କରି ଦେଇଥାଏ। ବର୍ତ୍ତମାନ ରେଳ ଟିକେଟର ରୂପ ପରିବର୍ତ୍ତନ ହୋଇଛି। ଡିଡିପି ସାହାଯ୍ୟରେ କମ୍ପ୍ୟୁଟର ଭିତରୁ କାଗଜ ଟିକେଟ ଦିଆଯାଉଛି। ଏହାର କାଗଜ ପତଳା ହୋଇଥିବାରୁ ଚିରି ଯିବାର ଭୟ ରହୁଛି। ଝାଳରେ ଓଦା ହୋଇ ନଷ୍ଟ ହୋଇଯିବାର ଭୟ ବି ରହୁଛି। ଏହି ଦୃଷ୍ଟିରୁ ରେଳ ବିଭାଗ ଅତୀତରେ ହେଉଥିବା ଟିକେଟ ପ୍ରସ୍ତୁତ କରି ଯାତ୍ରୀମାନଙ୍କୁ ଦିଅନ୍ତୁ। ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତୁ।

ରଞ୍ଜନ ମିଶ୍ର
ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ସରକାରୀ ପ୍ରାଥମିକ ସ୍କୁଲ୍ ତଳକୁ ତଳକୁ

ନରସିଂହପୁର ବ୍ଲକର ପ୍ରାଥମିକ ବିଦ୍ୟାଳୟ ତଳକୁ ତଳକୁ ଗଲାଣି। ଅନେକ ଗାଁରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବନ୍ଦ ହୋଇଗଲାଣି। ପ୍ରତି ଗାଁରେ ଘରୋଇ ବିଦ୍ୟାଳୟ ପ୍ରତି ଅଭିଭାବକମାନଙ୍କ ମୋହ ବଢ଼ିଥିବାରୁ ଏପରି ଅବସ୍ଥା ହୋଇଛି। ବ୍ଲକ ଅଧିକାରୀ ବିଦ୍ୟାଳୟ ପରିଦର୍ଶନ କରୁନାହାନ୍ତି। ତେଣୁ ବିଦ୍ୟାଳୟକୁ ଆସୁଥିବା ଅନୁଦାନର ଲୁଟ୍ ହେଉଛି। ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଶିକ୍ଷକମାନେ ଅର୍ଥ ଲୁଟ୍ କରୁଛନ୍ତି। ଏହାର ତଦନ୍ତ ହେଉ।

ଦେବଦତ୍ତ ମଳୟ କୁମାର ବରାଳ, ନରସିଂହପୁର, କଟକ

ଶ୍ରମିକ ଆଶ୍ରୟସ୍ଥଳ ନିର୍ମାଣ ସରିବ କେବେ

ବ୍ରହ୍ମପୁର ସହରରେ ଶ୍ରମିକ ଆଶ୍ରୟସ୍ଥଳ ନିର୍ମାଣରେ ଅନିଶ୍ଚିତତା ଲାଗିରହିଛି। ରାଜ୍ୟର ସର୍ବାଧିକ ଦାଦନ ଶ୍ରମିକ, ନିର୍ମାଣ ଶ୍ରମିକ, କୃଷି ଶ୍ରମିକ, ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକ ଗଞ୍ଜାମ ଜିଲ୍ଲାରେ ବସବାସ କରୁଛନ୍ତି। ରାଜ୍ୟ ସରକାର କେବଳ ନିର୍ମାଣ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କୁ ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଜରିଆରେ କିଛି ସୁବିଧା ପ୍ରଦାନ କରୁଛନ୍ତି। ଅନ୍ୟ ସମସ୍ତ କ୍ଷେତ୍ରର ଶ୍ରମିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ପଞ୍ଜିକୃତ ଶ୍ରମିକମାନେ ବି ଯୋଜନାର ସୁଫଳ ଠିକ୍‌ରେ ପାଇପାରୁନଥିବା ଅଭିଯୋଗ ହୋଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ଇଚ୍ଛାଶକ୍ତିର ଅବହେଳା ଦାୟୀ ବୋଲି ଶ୍ରମିକ ମହଲରେ ଅଭିଯୋଗ ହେଉଛି। ୨୦୧୭ ମସିହା ମେ' ୭ ତାରିଖରେ ରାଜ୍ୟ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ସୁବାସ ସିଂ ବ୍ରହ୍ମପୁରଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ବ୍ରହ୍ମପୁର ସହରରେ ଶ୍ରମିକ ଆଶ୍ରୟସ୍ଥଳ ବର୍ଷକ ମଧ୍ୟରେ ନିର୍ମାଣ ହେବ ବୋଲି ଘୋଷଣା କରିଥିଲେ। ଏହି ଘୋଷଣାକୁ ବର୍ଷେ ପୂରିବାକୁ ଯାଉଥିବା ବେଳେ ଲକ୍ଷ୍ୟଧାର୍ଯ୍ୟ ସମୟରେ ବ୍ରହ୍ମପୁରଠାରେ ନିର୍ମାଣ ହେବାକୁ ଥିବା ୨ ଆଶ୍ରୟ ସ୍ଥଳର ନିର୍ମାଣ କାର୍ଯ୍ୟ ଅଧା ମଧ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ସ୍ଥାନୀୟ ବିଦ୍ୟୁତପୁରୀଠାରେ ଗୋଟିଏ ଏବଂ ଅନ୍ଧପସରା ରୋଡଠାରେ ଗୋଟିଏ ଆଶ୍ରୟସ୍ଥଳୀ ନିର୍ମାଣ କାର୍ଯ୍ୟ ବହୁ ମାସ ଧରି ଚାଲିଛି। ସମ୍ପୃକ୍ତ କାର୍ଯ୍ୟଗୁଡିକ ୨୦୧୮ ମସିହା ଶେଷ ସୁଦ୍ଧା ଶେଷ ହେବ ବୋଲି କୁହାଯାଉଛି। କାର୍ଯ୍ୟ ତୁରନ୍ତ ସାରିବାକୁ ସାଧାରଣରେ ଦାବି ହେଉଛି।

ଅରୁଣ କୁମାର ଦାସ, ବ୍ରହ୍ମପୁର

ଅନୁରୋଧ

ଏହି ସ୍ତମ୍ଭରେ ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗକୁ ନେଇ ଆପଣଙ୍କ ସୁଚିନ୍ତିତ ମତ ଓ ମନ୍ତବ୍ୟ ନିମ୍ନରେ ଥିବା ଆମ ଠିକଣାରେ ପଠାଇବାକୁ ଅନୁରୋଧ।

- ସମ୍ପାଦକ

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', ପ୍ଲଟ୍ ନଂ-୬୮୭/୩୭୪୫, ଏକାମ୍ରକାନନ, ଜୟଦେବ ବିହାର, ଭୁବନେଶ୍ୱର-୭୫୧୦୧୫, e-mail: nitidinedit@gmail.com